## ଜେଲ୍ ଯାଇଥିବା କୃଷକ ନେତାଙ୍କୁ ଖଲାସ୍ ଦାବି

# ନବନିର୍ମାଣ କୃଷକ ସଂଗଠନର ଅନଶନ

ଜଗତସିଂହପୁର,୩୧।୩(ସମିସ)

ଆଜି ନବ ନିର୍ମାଣ କୃଷକ ସଂଗଠନ ତରଫରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରାସାଦ ମହାରଣାଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣ ସତ୍ୟାଗ୍ରହ ଏବଂ ଅନଶନ ଆରମ୍ଭ କରାଯାଇଛି। ସମସ୍ତ ଚାଷୀଙ୍କ ଧାନ କିଣା ଦାବି ନେଇ ୨୨ ତାରିଖରୁ ଘଟଗାଁରୁ ଆସିଥିବା ପଦଯାତ୍ରା ଗତକାଲି ଭୁବନେଶ୍ୱରେ ପହଞ୍ଚିବା ପୂର୍ବରୁ ରାଜ୍ୟ ନେତୃତ୍ୱଙ୍କ ସହ ଜାତୀୟ ସ୍ତରରୁ ଆସିଥିବା ନେତୃତ୍ୱଙ୍କ ମଧ୍ୟରୁ ୧୩ ଜଣଙ୍କୁ ପୁଲିସ୍ ଉଠାଇ ନେଇଥିଲା। ଏଥିରେ ସଂଯୁକ୍ତ କିସାନ୍ ମୋର୍ଚ୍ଚାର ରାଷ୍ଟ୍ରୀୟ ନେତୃତ୍ୱ ରାକେଶ ଟିକାୟତ, ବିହାର ରାଜ୍ୟର ପୂର୍ବତନ ଲୋକସଭା ସଦସ୍ୟ ସୁଧାକର ସିଂ, ଉତ୍ତର ପ୍ରଦେଶର ବିଶିଷ୍ଟ ସମାଜସେବୀ ଅରବିନ୍ଦ ମୂର୍ତ୍ତି, ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ,



ରାଜ୍ୟ ସହ ସଂଯୋଜକ ରଶ୍ମିରଂଜନ ସ୍ୱାଇଁ, ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ପ୍ରମୁଖ ଅଛନ୍ତି। ଅନ୍ୟପକ୍ଷରେ ଆଜି ମଣ୍ଡି ବନ୍ଦର ଶେଷ ଦିନ ଥିବାରୁ ବହୁ ଚାଷୀ ଧାନ ବିକିବାରୁ ବଞ୍ଚିତ ହୋଇଛନ୍ତି। ସରକାର ଓ ପ୍ରଶାସନର ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଜଗତସିଂହପୁର ଜିଲ୍ଲାର ହଜାର ହଜାର ଚାଷୀ ଆଜି ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ସମସ୍ତ ପଞ୍ଜିକୃତ ଚାଷୀଙ୍କ ସମସ୍ତ ଧାନ କିଣିବା ଏବଂ ନବନିର୍ମାଣ କୃଷକ ସଂଗଠନର ନେତୃତ୍ୱମାନଙ୍କୁ ନିଃସର୍ତ୍ତରେ ଜେଲ୍‌ରୁ ଖଲାସ କରିବା ଦାବିରେ ଆଜି ସକାଳ ୧୦ଟାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସତ୍ୟାଗ୍ରହ ଏବଂ ଅନଶନ ଆରମ୍ଭ କରାଯାଇଛି। ଆଜିର ଏହି ସତ୍ୟାଗ୍ରହରେ ଦେବୀ ପ୍ରସାଦ ମହାରଣା, ପ୍ରମୋଦ ଦାଶ, ରଘୁନାଥ ନାୟକ ଅନଶନରେ ବସିଥିବା ବେଳେ ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ, ଦୁର୍ଗାଚରଣ ସ୍ୱାଇଁ, ଅଶୋକ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ପରିଡା, ସ୍ନେହାଂଶୁ ଜେନା, ବିଜୟ ପତି, ଶରତ ମହାପାତ୍ର, ଅନ୍ୟାନ୍ୟ ମହାନ୍ତି, ଅଭୟ କୁମାର ସ୍ୱାଇଁ, ପ୍ରସନ୍ନ କୁଅଁର, ଅମୂଲ୍ୟ କୁମାର ମହାନ୍ତି, ଧୃଜତି ମହାନ୍ତି, ବୈକୁଣ୍ଠ ବିଶ୍ୱାଳ, ପ୍ରମୋଦ ପାଳ ପ୍ରଭୃତି ଚାଷୀନେତା ମାନେ ଧାରଣାରେ ବସିଛନ୍ତି।

## ୧୧ରୁ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ କାମ କରିବା ମନା

ଜଗତସିଂହପୁର,୩୧।୩(ସମିସ): ଚଳିତ ବର୍ଷ ଏପ୍ରିଲ ମାସରେ ରୌଦ୍ରତାପ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ରୌଦ୍ରତାପ ଜନିତ ଅଂଶୁଘାତ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ଏଣୁ ସମ୍ପୂର୍ଣ୍ଣ ଖରାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଏପ୍ରିଲ ମାସ ୧ ତାରିଖରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାମ କରିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଏ ନେଇ ସ୍ପଷ୍ଟ ପ୍ରଚଣ୍ଡ ରୌଦ୍ରତାପ ଜନିତ ଅଂଶୁଘାତରୁ ରକ୍ଷା କରିବା ପାଇଁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ବିହିତ ପଦକ୍ଷେପ ନେବା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲ୍ଲାର ସମସ୍ତ ବିଭାଗ ଏବଂ ଭାରତ ସରକାରଙ୍କ ଅଧୀନରେ ଥିବା ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରମାନଙ୍କୁ ଏ ନେଇ ପତ୍ର ମାଧ୍ୟରେ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ କାର୍ଯ୍ୟ ନିର୍ଘଣ୍ଟର ସମୟ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯଦି କୌଣସି କାର୍ଯ୍ୟ ଜରୁରୀ ବୋଲି ମନେହୁଏ କିମ୍ବା ଅତ୍ୟାବଶ୍ୟକୀୟ ସେବା ସହ ଜଡ଼ିତ; ଯେଉଁଥିରେ କି ଶ୍ରମିକମାନଙ୍କୁ ଉପରୋକ୍ତ ସମୟ ପାଇଁ ବିଶ୍ରାମ ଦିଆଯାଇପାରିବ ନାହିଁ ତେବେ ଉପରୋକ୍ତ ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ବିଭିନ୍ନ ସତର୍କମୂଳକ ପଦକ୍ଷେପ ନେଇପାରିବେ। ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତବ୍ୟବସ୍ଥା, ସ୍ୱାସ୍ଥ୍ୟସେବାପାଇଁଡାକ୍ତରୀଚିକିତ୍ସାରବ୍ୟବସ୍ଥାଏବଂପ୍ରତ୍ୟେକଶ୍ରମିକ ପାଇଁ ଓଆର୍‌ଏସ୍ ପ୍ୟାକେଟ ବ୍ୟବସ୍ଥା କରିବା ଜରୁରୀ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଉପରୋକ୍ତ ନିର୍ଦ୍ଦେଶାବଳୀ ଗୁଡିକ ସତର୍କତା ମତେ ପାଳନ କରିବାରେ କୌଣସି ନିଯୁକ୍ତିଦାତା ଖିଲାପକଲେ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

## ତ୍ରୟମାସିକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୩୧।୩(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଏପ୍ରିଲ ୬ ତାରିଖ ଦିନ ନାଉଗାଁ ବ୍ଲକ କାର୍ଯ୍ୟାଳୟ, ଏପ୍ରିଲ ୧୩ ତାରିଖରେ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ, ଏପ୍ରିଲ ୨୦ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏପ୍ରିଲ ୨୭ରେ ଏରସମା ବ୍ଲକ୍ କାର୍ଯ୍ୟାଳୟଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ମେ' ୪ ତାରିଖରେ ରଘୁନାଥପୁର ବ୍ଲକ୍, ମେ' ୧୧ରେ ତିର୍ତ୍ତୋଲ ବ୍ଲକ୍, ମେ' ୧୮ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ମେ' ୨୫ରେ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଜୁନ୍ ୧ ତାରିଖରେ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ, ଜୁନ୍ ୮ରେ ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ, ଜୁନ୍ ୧୬ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜୁନ୍ ୨୨ରେ ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଓ ଜୁନ୍ ୨୯ ରେ ଏରସମା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହିସବୁ ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ- ତଥା-ନିର୍ବାହୀ ଅଧିକାରୀ, ଉପ-ଜିଲ୍ଲାପାଳ, ଜିଲ୍ଲାସ୍ତରୀୟଅଧିକାରୀ, ବ୍ଲକସ୍ତରୀୟଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ପ୍ରକାଶ ଥାଉ କି, ୧୩ ଏପ୍ରିଲ୍‌ରୁ ୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ହେବାକୁ ଥିବା ଜନଶୁଣାଣି ସକାଳ ୭ ଘଟିକାରୁ ସକାଳ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ସାରସ୍ୱତ ପରିକ୍ରମାର ସ୍ୱନକ୍ଷତ୍ର ଦିବସ



ପାରାଦୀପ,୩୧।୩(ସମିସ): କଳା, ସାହିତ୍ୟ, ସଂସ୍କୃତିର ଅନ୍ତୁଡ଼ିଶାଳ କୁହାଯାଉଥିବା ସାରସ୍ୱତ ପରିକ୍ରମା ଅନୁଷ୍ଠାନର ୨୯ତମ ସ୍ୱନକ୍ଷେତ୍ର ଦିବସ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ମଧୁବନ ଏନ୍‌ଏସି ହାଇସ୍କୁଲ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ପ୍ରଭାତ କୁମାର ନନ୍ଦ, ପାରାଦୀପ ପୌରପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଗାଳ୍ପିକ ରବି ସ୍ୱାଇଁ, ପ୍ରଧାନ ଶିକ୍ଷକ ନିରଞ୍ଜନ ଅଟି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଉପସ୍ଥିତ କବି ଓ କବୟିତ୍ରୀମାନଙ୍କ ପକ୍ଷରୁ କବିତା ପାଠ କରାଯାଇଥିଲା। ପରେ ଆୟୋଜିତ ସଭାରେ ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଗତସିଂହପୁର ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୮ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଡା. ଅପର୍ଣ୍ଣା ମହାନ୍ତି, ବିଷ୍ଣୁ ସାହୁ, ମୋହିତ ଚକ୍ରବର୍ତ୍ତୀ, ବରିଷ୍ଠ ଆଇନଜୀବୀ ଗତିକୃଷ୍ଣ ଶତପଥୀ, ତୁଳସୀ ବରାଳ, ରଞ୍ଜିତା ସାହୁ, ଯଶୋବନ୍ତ ନାୟକ ଓ ମିରାଙ୍ଗିନ ଦେଇ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ପତ୍ରିକା "ସ୍ୱାଭାବିକ' ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଗୋଲାପରାଣୀ ସାହୁ, ସମ୍ପାଦକ ରମେଶ ତ୍ରିପାଠୀ ଓ ଅନ୍ୟମାନେ ସଞ୍ଚାଳନ କରିଥିଲେ।

## ବିଜୁ ମେମୋରିଆଲ ହସ୍ପିଟାଲରେ ହାଇଡ୍ରାମା

# ପ୍ରେସ୍କ୍ରିପସନକୁ ନେଇ ଉଠିଲା ପ୍ରଶ୍ନ

ପାରାଦୀପ,୩୧।୩(ସମିସ): ପାରାଦୀପ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲରେ ରହିଥିବା ଚକ୍ଷୁପରୀକ୍ଷା କେନ୍ଦ୍ରର ଡାକ୍ତରଙ୍କ ପ୍ରେସ୍କ୍ରିପସନକୁ ନେଇ ଉଠିଲା ପ୍ରଶ୍ନ। କିଛି ସମୟ ପାଇଁ ରୋଗୀ, ଡାକ୍ତର ଓ ଚଷମା ଦୋକାନ ମାଲିକଙ୍କ ମଧ୍ୟରେ ଯୁକ୍ତିତର୍କକୁ ନେଇ ହାଇଡ୍ରାମା ଦେଖିବାକୁ ମିଳିଛି। ଯାହା ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇଥିବା ଜଣାପଡିଛି।



ସୂଚନା ଅନୁଯାଇ ଗତ ୨୧ତାରିଖରେ ଅଠରବାଙ୍କୀର ମିତାଞ୍ଜଳି ନାୟକ ମେଡିକାଲରେ ଏଏମ୍‌ଏନଏସ୍ ତରଫରୁ ପରିଚାଳିତ ହେଉଥିବା ଚକ୍ଷୁ ପରୀକ୍ଷା କେନ୍ଦ୍ରରେ ଆଖି ପରୀକ୍ଷା କରିବା ପରେ ଡାକ୍ତର ପ୍ରେସ୍କ୍ରିପସନରେ ଲେଖିଥିବା ପାୱାର ଅନୁଯାୟୀ ମିତାଞ୍ଜଳି ବଡ଼ପଡ଼ିଆ ମାର୍କେଟରେ ରହିଥିବା ଏକ ଚିହ୍ନା ଦୋକାନରୁ ଚଷମା ତିଆରି କରି ଆଜି ଡାକ୍ତରଙ୍କୁ ଦେଖାଇବାକୁ ଯାଇଥିବା ବେଳେ ଡାକ୍ତର ଏହି ଚଷମା ବଦଳରେ ଦେଇଥିବା ପ୍ରେସ୍କ୍ରିପସନର ଅପର ପାଶ୍ୱର୍ରେ ଆଉଥରେ ଲେଖିବା ସହିତ ଅଠରବାଙ୍କୀରେ ରହିଥିବା ଏକ ନିର୍ଦ୍ଦିଷ୍ଟ ଚଷମା ଦୋକାନରୁ ଚଷମା ତିଆରି କରିବାକୁ କହିଥିଲେ। ଯାହାକୁ ନେଇ ମିତାଞ୍ଜଳି ଓ ଡାକ୍ତରଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ ବଡ଼ପଡ଼ିଆ ମାର୍କେଟରେ ରହିତ ସାହୁ ଅପ୍ଟିକାଲ୍ସର ମାଲିକ ଜଗଦାନନ୍ଦ ସାହୁ। ମିତାଞ୍ଜଳିଙ୍କୁ ଡାକ୍ତର ଦେଇଥିବା ପ୍ରେସ୍କ୍ରିପସନ ଅନୁଯାୟୀ ଚଷମା ତିଆରି ହୋଇଥିବା ବେଳେ କ'ଣ ପାଇଁ ଆଉ ଏକ ଚଷମା ତିଆରି କରିବେ ବୋଲି କହିବାରୁ ଉକ୍ତ ଚକ୍ଷୁ ପରୀକ୍ଷା କରୁଥିବା ଡାକ୍ତର ଓ ଜଗଦାନନ୍ଦଙ୍କ ମଧ୍ୟରେ ମଧ୍ୟ ଯୁକ୍ତିତର୍କ ହୋଇଥିଲା। ଯାହା ଫଳରେ ଉପସ୍ଥିତ ମେଡିକାଲ ଷ୍ଟାଫ ପହଞ୍ଚିବା ପରେ ଘଟଣା ଶାନ୍ତ ପଡ଼ିଥିଲା। ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲରେ ଡାକ୍ତରମାନଙ୍କ ପ୍ରେସ୍କ୍ରିପସନକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ଅଭିଯୋଗ ହସ୍ତଗତ ହେବା ସହିତ ଏହା ମଧ୍ୟ ଲୋକଲୋଚନକୁ ଆସିଛି। ଏଠି ଚିକିତ୍ସା ବଦଳରେ ଡାକ୍ତରମାନେ ସ୍ଥାନୀୟ ମେଡିସିନ ଷ୍ଟୋରମାନଙ୍କ ସହିତ ସଲାସୁତୁରା କରି ସେମାନଙ୍କୁ ରୋଜଗାର ଦେବା ସହିତ ନିଜ ପକେଟ ଗରମ କରୁଥିବା ଭଳି ଅନେକ ତଥ୍ୟ ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏପରିକି ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟିହେବା ସହିତ ଘଟଣା ମଧ୍ୟ ଥାନାକୁ ଆସିଛି। ମେଡିକାଲରେ ରହିଥିବା ଏହି ଚକ୍ଷୁ ପରୀକ୍ଷା କେନ୍ଦ୍ରକୁ ଏଏମଏନଏସ ତରଫରୁ ପରିଚାଳନା କରାଯାଉଥିବା ବେଳେ ଆଖି ପରୀକ୍ଷା କରୁଥିବା ଡାକ୍ତର ଅଠରବାଙ୍କୀ ମାର୍କେଟରେ ଏକ ଚଷମା ଦୋକାନ ଖୋଲିଛନ୍ତି। ଯାହା ଫଳରେ ମେଡିକାଲକୁ ଯିଏ ଆଖି ଦେଖାଇବାକୁ ଆସିଲା ଉକ୍ତ ଦୋକାନରୁ ଚଷମା ତିଆରି କରିବାକୁ କୁହାଯାଉଥିବା ବେଳେ ଯିଏ ଅନ୍ୟସ୍ଥାନରୁ ଚଷମା ତିଆରି କଲା ତାକୁ ମିତାଞ୍ଜଳିଙ୍କ ଭଳି ଅନ୍ୟ ଏକ ପ୍ରେସ୍କ୍ରିପସ ଦିଆଯାଉଛି। ଯାହା ଫଳରେ ରୋଗୀଟି ବାଧ୍ୟହୋଇ ଦୁଇଟି ଚଷମା କିଣି ଆର୍ଥିକ ଓ ମାନସିକ ସ୍ତରରେ ନିର୍ଯାତିତ ହେଉଛନ୍ତି। ଏଣୁ ଏହାକୁ ନେଇ ତଦନ୍ତ କରିବାକୁ ଦାବି ହୋଇଛି।

## ଆଇନଗତ ସଚେତନତା କାର୍ଯ୍ୟକ୍ରମ

ତିର୍ତ୍ତୋଲ,୩୧।୩(ସମିସ): ମହିଳା ଆୟୋଗ ଆନୁକୂଲ୍ୟରେ ଓ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ସହଯୋଗରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା କଲ୍ୟାଣ ମଣ୍ଡପ ପରିସରରେ ଏକ ବ୍ଲକସ୍ତରୀୟ ଆଇନଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ଆୟୋଗ ସଦସ୍ୟ କଳ୍ପନା ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଜିଲା ସମାଜ ମଙ୍ଗଳ ଅଧିକାରୀଣୀ ବିଷ୍ଣୁପ୍ରିୟା ସେଠୀ, ତିର୍ତ୍ତୋଲ ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ସମ୍ମନିତ ଶିଶୁ ବିକାଶ ଅଧିକାରିଣୀ ଅଶ୍ରୁମଣି ସୋରେନ, ତିର୍ତ୍ତୋଲ ଥାନାର ଅତିରିକ୍ତ ଆଇଆଇସି ତନୁଶ୍ରୀ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତିର୍ତ୍ତୋଲ ବ୍ଲକର ଏମ୍‌ବିକେ, ସିଆର୍‌ପି, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀ ମାନେ ଯୋଗଦେଇଥିଲେ। ପଦ୍ମଜା ପ୍ରିୟଦର୍ଶିନୀ ସ୍ୱାଇଁ, ରାଜୀବ ଲୋଚନ ଦାସ, ସୁମିତ୍ରା କୁମାରୀ ସାହୁ, ରାମଚନ୍ଦ୍ର ଦାସ, ପୂଜାରାଣୀ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବେଜ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ମହିଳା କମିଶନର ସଦସ୍ୟ ଶ୍ରୀମତୀ ମଲ୍ଲିକ ବିରିଡ଼ିର ହାଜିପୁରଠାରେ ଆୟୋଜିତ ଆଇନଗତ ସଚେତନତା ଜନସଭାକୁ ସମ୍ବୋଧିତ କରିଥିଲେ।

## ଆଦର୍ଶ ଶିକ୍ଷକ ଧୂଳେଶ୍ୱର ସେଠୀଙ୍କ ସ୍ମୃତିସଭା



ଜଗତସିଂହପୁର,୩୧।୩(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ସାଇଁଟୋ ଗ୍ରାମର ଆଦର୍ଶ ଶିକ୍ଷକ ଧୂଳେଶ୍ୱର ସେଠୀଙ୍କ ଚତୁର୍ଦ୍ଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତୁମ୍ବା ଅଣ୍ଡେଇସାହିର ପୂଜ୍ୟ ପୂଜା ପରିଷଦ ତରଫରୁ ସ୍ଥାନୀୟ ସାଇଁଟୋ ସ୍ଥିତ ମା' କୁତାମ ଚଣ୍ଡୀମନ୍ଦିର ପ୍ରାଙ୍ଗଣରେ ଏହି ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶିକ୍ଷାବିତ ତଥା ପରିଷଦର ସଭାପତି ଘନଶ୍ୟାମ କାନୁନଗୋ ଅଧ୍ୟକ୍ଷତା କରି ସ୍ୱର୍ଗତ ସେଠୀଙ୍କର କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଏହି ସ୍ମୃତିସଭାରେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ, ହିମାଂଶୁ ଆଚାର୍ଯ୍ୟ, ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଏବଂ ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସତ୍ୟବାଦୀ ଦାସ, ପ୍ରବୀର କୁମାର ମିଶ୍ର, ତ୍ରୈଲୋକ୍ୟ ଦାଶ, ବିଚିତ୍ରାନନ୍ଦ ମିଶ୍ର, ପ୍ରଫୁଲ ଦାଶ, ପ୍ରସନ ମିଶ୍ର, ନାରାୟଣ କାନୁନ୍‌ଗୋ, ସୁରେନ୍ଦ୍ର ରାୟ, ବିମଳ ପ୍ରସାଦ ପାଳ, ହେମନ୍ତ କୁମାର ମିଶ୍ର,କୃଷ୍ଣ ଚନ୍ଦ୍ର ମିଶ୍ର, ବିଜୟାନନ୍ଦ ମିଶ୍ର, ଜ୍ଞାନରଞ୍ଜନ ପୃଷ୍ଟି, ଭଗବାନ ସ୍ୱାଇଁ, ରମେଶ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ନାଟ୍ୟାଚାର୍ଯ୍ୟ ବାଲକୃଷ୍ଣ ମହାନ୍ତି ସ୍ମୃତିଦିବସ

ଜଗତସିଂହପୁର,୩୧।୩(ସମିସ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ନିଜସ୍ୱ ଜନ୍ମସ୍ଥାନ ପଳାଶୋଳ ଗ୍ରାମରେ ଲୋକକବି ନାଟ୍ୟାଚାର୍ଯ୍ୟ ବାଲକୃଷ୍ଣ ମହାନ୍ତିଙ୍କ ୬୮ ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଲୋକକବି ନାଟ୍ୟାଚାର୍ଯ୍ୟ ବାଲକୃଷ୍ଣ କଳାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଲୋକକବି ନାଟ୍ୟାଚାର୍ଯ୍ୟ ବାଲକୃଷ୍ଣ ସ୍ମୃତି ପରିଷଦର ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଲୋକନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିଷଦର ଉପଦେଷ୍ଟା ବରିଷ୍ଠ ସାମାଜିକକର୍ମୀ ଗୌରାଙ୍ଗ ଚରଣ ହୋତା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମଙ୍ଗର ସମ୍ପାଦକ ଗୋଲେଖ ଚନ୍ଦ୍ର ମହାରଣା ଓ କାର୍ଯ୍ୟକାରିଣୀ ସଭ୍ୟ ପରିବେଶବିତ୍ ଉକ୍ରଳ ରଞ୍ଜନ ମହାନ୍ତି ଯୋଗଦେଇଥିଲେ। ପରିଷଦର ସମ୍ପାଦକ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ପରିଷଦର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଡାକ୍ତର ସାହୁ, ସମ୍ମାନନିତ ଅତିଥି ଶ୍ରୀ ମହାରଣା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା, ପ୍ରଧାନଗୁରୁଜୀ ଏବଂ କଳାକେନ୍ଦ୍ରର ସମସ୍ତ ଗୁରୁଜୀ ଓ ଗୁରମା'ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଳାକେନ୍ଦ୍ରର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆୟୋଜିତ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏତଦ୍ ବ୍ୟତୀତ ଆଞ୍ଚଳିକସ୍ତରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ଗାନ ଓ ନୃତ୍ୟ ପରିବେଷଣ ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇ ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କାର୍ଯ୍ୟକାରିଣୀ ସଭ୍ୟ ଅଧ୍ୟାପକ ସୁବାସ ଚନ୍ଦ୍ର ବେହୁରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ କାର୍ଯ୍ୟକାରିଣୀ ସଭ୍ୟ ଉଲ୍ଲାସ ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କଳାକେନ୍ଦ୍ରର କୁନିକୁନି କଳାକାରମାନଙ୍କ ଦ୍ୱାରା ଅତ୍ୟନ୍ତ ଆକର୍ଷଣୀୟ ଓ ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ପରିଷଦର ଯୁଗ୍ମସମ୍ପାଦକ ତଥା ବାଲକୃଷ୍ଣ ମହାନ୍ତିଙ୍କ ଦାୟାଦ ଦେବର୍ଷି ମହାନ୍ତି, ଅନ୍ୟତମ ଯୁଗ୍ମସମ୍ପାଦକ ଲାଲା ସଂଗ୍ରାମ କେଶରୀ ରାୟ, କାର୍ଯ୍ୟକାରିଣୀ ସଭ୍ୟ ଅବନୀକାନ୍ତ ମହାରଣା, ସଭ୍ୟ ସରୋଜ କୁମାର ଦ୍ୱିବେଦୀ, ଲୋକନାଥ ଦାସ, ଗୁରୁମା ବିଜୟଲକ୍ଷ୍ମୀ ମହାନ୍ତି ଗୁରୁଜୀ ପିତାମ୍ବର ସ୍ୱାଇଁ, ସାଗରମୟ ସ୍ୱାଇଁ ତଥା ଅନ୍ୟସଭ୍ୟସଭ୍ୟା ଓ ଉତ୍ସାହୀ ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଆନ୍ତରିକ ସହଯୋଗ କରିଥିଲେ।



## 'ସକାଳ' ଜିଲ୍ଲା ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା




ଜଗତସିଂହପୁର,୩୧।୩(ସମିସ): ଉକ୍ରଳ ସେବାନିବୃତ୍ତ ସେନାନୀ ସଂଘ ଜଗତସିଂହପୁରର ୫ମ ପ୍ରତିଷ୍ଠା ଦିବସ ପାଳନ ଅବସରରେ 'ସକାଳ' ଜିଲ୍ଲା ପ୍ରତିନିଧି ଶଶାଙ୍କ ଶେଖର ପଣ୍ଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାନବଜାର ସ୍ଥିତ ଏକ ଘରୋଇ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ଯୁଗ୍ମ ସମ୍ପାଦକ କେଦାର ଦାସ ସଭାପତିତ୍ୱରେ କରିଥିଲେ। ଏଥିରେ ବିଧାୟକ ଅମରେନ୍ଦ୍ର ଦାସ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଅବସରପ୍ରାପ୍ତ କର୍ଣ୍ଣେଲ ଦେବରାଜ ମଲ୍ଲିକ ଏବଂ ୟୁଏସଏସଏ ଓଡ଼ିଶାର ସଭାପତି କରୁଣାକର ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାର ସହିଦମାନଙ୍କ ପରିବାର ଏବଂ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ତଥା ସାମାଜିକ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତି ଓ ସଂସ୍ଥାମାନଙ୍କୁ ସମ୍ମାନିତ କରାଯାଇଥିଲା। 'ସକାଳ'ର ପ୍ରତିନିଧି ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡାଙ୍କୁ ଉତ୍ତରୀୟ ଏବଂ ସ୍ମୃତି ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗଞ୍ଜେଇ କାରବାର ମାମଲାରେ ୩ ଗିରଫ

ଏରସମା,୩୧।୩(ସମିସ): ଏରସମା ଥାନା ଅଧୀନ ନିମୋଳ ଗ୍ରାମରୁ ସଚ୍ଚିରଞ୍ଜନ ପଣ୍ଡା, ତାଙ୍କ ସ୍ତ୍ରୀ ପ୍ରଭାତି ପଣ୍ଡା ଓ ଅଭିରାମ ଖଟୁଆଙ୍କୁ ଗଞ୍ଜେଇ କାରବାର ମାମଲାରେ ଗିରଫ କରିଛି। ତାଙ୍କ ଘରୁ ୨୭କି.୬୦୦ଗ୍ରାମ୍ ଗଞ୍ଜେଇ ସହ ୧ଟି ହୋଣ୍ଡାଇଆଇ ୧୦, ଦୁଇଟି ଦୁଇଚକିଆ ଗାଡି, ନଗଦ ୧୪୬୬୦ଟଙ୍କା, ୩ଟି ମୋବାଇଲ ଫୋନ, ୩ଟି ଓଜନ ମେସିନ ସହ ୧୨୦ଟି ପଲିଥିନ୍ ପକେଟ ଜବତ କରାଯାଇଛି।

## ଷ୍ଟୁଡିଓରୁ ଲକ୍ଷାଧିକ ଟଙ୍କାର କ୍ୟାମେରା ଚୋରି

ପାରାଦୀପ,୩୧।୩(ସମିସ): ପାରାଦୀପ ବଡ଼ପଡ଼ିଆ ବିଲଡିଂ ମାର୍କେଟରେ ରହିଥିବା ଷ୍ଟୁଡିଓ ବାଲାଜୀରୁ ଲକ୍ଷାଧିକ ଟଙ୍କାର କ୍ୟାମେରା ଓ ନଗଦ କ୍ୟାସ୍ ଲୁଟ ହୋଇଥିବା ନେଇ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏଇ କିଛିଦିନ ପୂର୍ବରୁ ଏହି ବଡପଡ଼ିଆ ମାର୍କେଟ ଅଞ୍ଚଳରେ ଏକ ପାନ ଦୋକାନ ତାଡ଼ି ବିଭିନ୍ନ ସାମଗ୍ରୀ ଲୁଟି ନେଉଥିଲେ ଦୁର୍ବୃତ୍ତ। ତେବେ ପୁଣି ଆଜି ସକାଳୁ ବିଲଡିଂ ମାର୍କେଟରେ ରହିଥିବା ବାଲାଜୀ ଷ୍ଟୁଡିଓ ମାଲିକ ଅଶୋକ ଦାସ ଷ୍ଟୁଡିଓ ଖୋଲିବା ସମୟରେ ସଟର ତାଲା ଭଙ୍ଗାଯିବା ସହିତ ଦୋକାନରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଯାହାକୁ ନେଇ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ତେବେ ରାତି ପାଖାପାଖି ୧ରୁ ୨ଟା ମଧ୍ୟରେ ଜଣେ ଯୁବକ ଏହି ଦୋକାନ ପାଶ୍ୱର୍ରୁ କିଛି ହାତରେ ଧରିଯିବା ଏବଂ ମୁହଁରେ ରୁମାଲ ବାନ୍ଧିଥିବା ସିସିଟିଭିରେ କଏଦ ଦୃଶ୍ୟକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## କୁଜଙ୍ଗ ପୁଲିସ ପକ୍ଷରୁ ବିପୁଳ ଗ୍ୟାସ୍ ସିଲିଣ୍ଡର ଜବତ

କୁଜଙ୍ଗ,୩୧।୩(ସମିସ): ଆଜି କୁଜଙ୍ଗ ପୁଲିସ ବାଲିତୁଠରୁ ଚଢ଼ଉକରି ଶତାଧିକ ବେଆଇନ ରୋଷେଇ ଗ୍ୟାସ୍ ସିଲିଣ୍ଡର ଜବତ କରିଥିବା ଜଣାପଡିଛି। ଏଥି ସହିତ ଏହି ବେଆଇନ କାର୍ଯ୍ୟରେ ଲିପ୍ତଥିବା ଅଭିଯୋଗରେ ଜଣକୁ ଅଟକ ରଖିଥିବା ଜଣାପଡିଛି। ଅଟକ ବ୍ୟକ୍ତି ହେଲେ ସାରଦା ପ୍ରସାଦ ନାୟକ। ତାଙ୍କ ଘର ବଡବୁଦା। ତେବେ ପୁଲିସ ମୋଟ ୧୦୬ଟି ଟାଙ୍କି ଜବତ କରିଛି। ସେଥିରେ ୮ଟି ଗ୍ୟାସ ବୋଝେଇ ଟାଙ୍କି ରହିଥିବା ବେଳେ ଅନ୍ୟ ସବୁ ଖାଲି ଟାଙ୍କି ରହିଥିବା କୁଜଙ୍ଗ ପୁଲିସ ପ୍ରକାଶ କରିଛି। ଆଜି କୁଜଙ୍ଗ ପୁଲିସ ଅଞ୍ଚଳରେ ବ୍ୟାପକ ଭାବେ ଚଢ଼ଉ କରିଥିଲା। ଏହି ଚଢ଼ଉ ସମୟରେ ବାଲିତୁଠର ଏକ ମାର୍କେଟ କମ୍ପ୍ଲେକ୍ସ ଗୃହରୁ ଏହି ସିଲିଣ୍ଡର ଯବତ ହୋଇଥିଲା। ଯବତ ହୋଇଥିବା ଦୋକାନ ଗୃହ ଜଣେ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିଙ୍କ ମାଲିକାନାରେ ରହିଥିବା ଜଣାପଡିଛି। ସ୍ଥାନୀୟ ଜିଲ୍ଲାପରିଷଦ ସଦସ୍ୟ ତଥା ଏରସମା ବ୍ଲକ କଂଗ୍ରେସ ସମିତି ସଭାପତି ପିନାକୀ ଦାସଙ୍କ ମାଲିକାନାରେ ଏହି ଦୋକାନ ଗୃହ ରହିଛି। ତେବେ ଏହି ବ୍ୟବସାୟରେ ତାଙ୍କ କୌଣସି ସମ୍ପୃକ୍ତି ନାହିଁ। ଅଟକ ବ୍ୟକ୍ତି ଜଣକ ତାଙ୍କ ଘର ଭଡ଼ାରେ ନେଇ ଏହି ବ୍ୟବସାୟ କରୁଥିବା ଶ୍ରୀଯୁକ୍ତ ଦାସ ନିଜର ପ୍ରତିକ୍ରିୟାରେ କହିଛନ୍ତି। ଆଜି ଜବତ ମୋଟ ୧୦୬ ସିଲିଣ୍ଡର ମଧ୍ୟରୁ ୪ଟି ଏଚ୍‌ପି ଓ ୪ ଇଣ୍ଡେନ ଟାଙ୍କି ଗ୍ୟାସ ବୋଝେଇ ହୋଇଥିବା ବେଳେ ଅନ୍ୟସବୁ ଖାଲି ରହିଥିବା ଜଣାପଡିଛି। କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନଙ୍କୁ ଏ ନେଇ ପଚାରିବାରୁ ସେ ଏହି ଘଟଣାରେ ମାମଲା ରୁଜୁ ହେବା ସହିତ ଆହୁରି ବ୍ୟାପକ ଚଢ଼ଉ କରାଯିବା ବୋଲି ପ୍ରକାଶ କରିଛନ୍ତି।



## ପିସିଏଲ୍ ଚତୁର୍ଥ ଦିନରେ ୨ଟି ମ୍ୟାଚ

# ସୁପର କିଙ୍ଗସ୍ ଓ ଡିକେଟି ଷ୍ଟାର୍ ବିଜୟୀ

ପାରାଦୀପ,୩୧।୩(ସମିସ)

ପାରାଦୀପ କ୍ରିକେଟ ଲିଗ୍ (ପିସିଏଲ) ର ଚତୁର୍ଥ ଦିନର ଖେଳ ବେଶ ରୋମାଞ୍ଚକର ଭାବେ ଶେଷ ହୋଇଛି। ଆଜି ଚତୁର୍ଥ ଦିନରେ ମୋଟ ୨ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ଟି ଶ୍ରୀରାମ ସ୍ପୋର୍ଟିଂ ଓ ପାରାଦୀପ ସୁପର୍ କିଙ୍ଗସ୍ ମଧ୍ୟରେ ଆରମ୍ଭ ହୋଇଥିଲା। ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ବିନିମୟରେ ୧୫୦ ରନ୍ ସଂଗ୍ରହ କରିଥିଲା ସୁପର୍ କିଙ୍ଗସ୍। ଦିତୀୟ ଇନିଂସ୍‌ରେ ଶ୍ରୀରାମ ସ୍ପୋର୍ଟିଂ ୧୯.୩ ଟି ବଲରେ ତାର ସମସ୍ତ ୱିକେଟ୍ ହରାଇ ୧୩୯ ରନ୍ କରି ପରାଜିତ ହୋଇଥିଲା। ୯ଟି ବଲରେ ୧୯ ରନ୍ କରି ପ୍ରମୋଦ ବେହେରା ୩.୩ ଓଭର ବୋଲିଂ କରି ମାତ୍ର ୧୮ ରନ୍ ଦେଇ ୫ ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ଜିପିସିଆଇ ଓ ଡିକେଟି ଷ୍ଟାର ମଧ୍ୟରେ ଦିତୀୟ ମ୍ୟାଚ୍ ଖେଳାଯାଇଥିଲା। ଜିପିସିଆଇ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୬୫ ରନ୍ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇ ଯାଇଥିଲେ। ଦିତୀୟ ଇନିଂସ୍‌ରେ ଡିକେଟି ଷ୍ଟାର ୧୯. ୪ଓଭରରେ ୯ ୱିକେଟ୍ ହରାଇ ୧୬୬ କରି ବିଜୟ ହାସଲ କରିଥିଲା। ଶାଶ୍ୱତ ମହାନ୍ତି ୪ ଓଭରରେ ୩ଟି ୱିକେଟ୍ ନେଇ ୧୧ ବଲରେ ୧୫ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଦେବେନ୍ଦ୍ର ନାୟକ, ନିରଞ୍ଜନ ଦାସ, ଜୟନ୍ତ କୁମାର ଦାସ ଓ ସଞ୍ଜୀବ କୁମାର ବେହେରା ପ୍ରମୁଖ ଦୁଇଟି ଯାକ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସମାଜସେବୀ ବିକ୍ରମ କୁମାର ବିଶୋଇ ଯୋଗ ଦେଇ ପ୍ରତିଯୋଗି ଟିମ୍‌କୁ ପୁରସ୍କୃତ କରିଥିଲେ।



